ସମ୍ବାଦ

ତାରିଖ: ୧୭.୧୧.୨୦୨୫

# ବିଆଇଆଇଟିଏମ୍ ଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ



ଚନ୍ଦ୍ରଶେଖରପୁର,୧୭/୧୧(ଇମିସ): ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ(ବିପିୟୁଟି)ର ଦ୍ୱାଦଶତମ ସମାବର୍ତ୍ତନ ଉତ୍ସବରେ ବିଆଇଆଇଟିଏମ୍‌ର ଆଇଏମ୍‌ବିଏ ଛାତ୍ର ଶୁଭମ୍ ସନ୍ତୋଷ ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହାବ୍ୟତୀତ ୨୦୨୩-୨୫ ଶିକ୍ଷାବର୍ଷର ଛାତ୍ରୀ ଶ୍ୱେତାଲିନା ମିଶ୍ର ସର୍ବାଧିକ ଗ୍ରେଡ୍ ପଏଣ୍ଟ ହାସଲ କରି ବିଆଇଆଇଟିଏମ୍‌କୁ ଗୌରବାନ୍ୱିତ କରିଛନ୍ତି। ସେହିପରି ୨୦୨୩-୨୫ ଶିକ୍ଷାବର୍ଷର ଏମ୍‌ବିଏ ଛାତ୍ର ମାନସ କୁମାର ବେହେରା, ବିଶ୍ୱଜିତ୍ ଲେଙ୍କା ଯଥାକ୍ରମେ ଦ୍ୱିତୀୟ ଓ ଚତୁର୍ଥ ସ୍ଥାନ ହାସଲ କରି ଅନୁଷ୍ଠାନର ଶୈକ୍ଷିକ ଗୁଣବତ୍ତା ଆଗକୁ ବଢ଼ାଇଛନ୍ତି। ଏହି ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଅନୁଷ୍ଠାନର ନିର୍ଦ୍ଦେଶକ, ଅଧ୍ୟକ୍ଷ ଓ ଅଧ୍ୟାପକମାନେ ଶୁଭେଚ୍ଛା ଜଣାଇଛନ୍ତି।